ଶନିବାର, ୧୭ ସେପ୍ଟେମ୍ବର, ୨୦୨୨

# ପିଲାଙ୍କ ଧରିତ୍ରୀ





## ଖିଲି ଖିଲି ହସ

ରାନୀ ତା’ ଭଉଣୀ ଟିନାକୁ କହିଲା–ଚାଲ୍ ଡିନର କରିବା।
**ଟିନା:** କାଲି ସ୍କୁଲ୍‌ରେ ମ୍ୟାଡାମ୍ କହିଥିଲେ ସକାଳ ଖାଇବାକୁ ବ୍ରେକ୍‌ଫାଷ୍ଟ କୁହନ୍ତି ଓ ରାତି ଖାଇବାକୁ ଡିନର।
**ରାନୀ:** ମୁଁ ଜାଣିଛି, କିଛି ଭୁଲିନି। ହେଲେ କାଲି ରାତିର ଖାଇବା ବଳିଛି, ତାକୁ ଖାଇବାକୁ ଡାକୁଛି।

ରାମୁ, ଦୀପୁ ଓ ଗପୁ ଦିନେ ଟ୍ରେନ୍‌ରେ ବୁଲିବାକୁ ଗଲେ। ହଠାତ୍ ଟ୍ରେନ୍ ଚାଲୁଥିବା ସମୟରେ କିଏ ଜଣେ ଟ୍ରେନ୍‌ର ଚେନ୍ ଟାଣିଦେଲା। ଏଣୁ ଟ୍ରେନ୍‌ଟି ରହିଗଲା।
ଏହା ଦେଖି ରାମୁ କହିଲା– ଲାଗୁଛି ଟ୍ରେନ୍‌ର ଚକା ପଙ୍କଚର୍ ହୋଇଗଲା।
**ଦୀପୁ:** ମୋତେ ଲାଗୁଛି ଟ୍ରେନ୍‌ର ଇନ୍ଧନ ସରିଯାଇଛି। ଗେଟ୍ ପାଖକୁ ଯାଇ ଗପୁ ଦେଖି କହିଲା– ଆରେ ଭାଇ ମୋତେ ଲାଗୁଛି ଟ୍ରେନ୍‌ର ସବୁ ଚକା ବାହାରି ଯାଇଛି।

ରମେଶ ଡାକ୍ତରଙ୍କ ନିକଟକୁ ଗଲା। ସେଠାରେ ଡାକ୍ତର ସବୁ ଟେଷ୍ଟ କରି ଜାଣିବାକୁ ପାଇଲେ ଯେ ରମେଶର ଗୋଟିଏ କିଡ୍‌ନୀ ଫେଲ୍ ହୋଇଯାଇଛି। ଏହା ଶୁଣି ରମେଶ କାନ୍ଦି କାନ୍ଦି ଲୁହ ପୋଛି କହିଲା–ସାର୍, ମୋତେ କୁହନ୍ତୁ ମୋ କିଡ୍‌ନୀ କେତେ ନମ୍ବରରେ ଫେଲ୍ ହୋଇଗଲା।

# ଗୁରୁଜନଙ୍କ କଥା ମାନ

## ଗପ

ପାହାଡ ତଳେ କଅଁଳ ଛନଛନ କ୍ଷେତଟିଏ। କାହାରି ସେଠିକି ଯିବାଆସିବା ନଥିଲା। ସେଇ ସ୍ଥାନରେ ଗୋଟେ ଠେକୁଆ ଦଳ ରହୁଥିଲେ। ଠେକୁଆ ଦଳ ଭିତରେ ସିଧୁ ବୋଲି କୁନି ଠେକୁଆଟିଏ ରହୁଥିଲା। ସିଧୁ ଭାରି ଚଗଲା। ତା ବାପାମାଆ ଯେତେ ପ୍ରକାର ଯାହା କହି ବୁଝାଇଲେ ବି ସିଧୁର ସ୍ୱଭାବ କିନ୍ତୁ ଆଦୌ ବଦଳୁ ନ ଥିଲା। ଦିନେ କୁଆଡୁ ଥିଲା ଗୋଟେ ଦନ୍ତା ହାତୀ ସେଠାକୁ ଚାଲି ଆସିଲା। ହାତୀକୁ ଦେଖି ଠେକୁଆ ଦଳ ଭିତରେ ଛନକା ପଶିଗଲା। ହାତୀଟା ଆଖପାଖର ଗଛ ଡାଳପତ୍ର ଖୁବ୍ ଭାଙ୍ଗିଲା। ହେଲେ ସିଧୁ ବାହାଦୂରୀ ମାରି କହିଲା ମୁଁ ଗୋଟେ ଚୁଟ୍‌କିରେ ତାକୁ ସାଙ୍ଗ କରିଦେବି। ସେ ବଳଶାଳୀ ହେଲେ ମୋ ବୁଦ୍ଧି କିଛି କମ୍ ନୁହେଁ। ସାଙ୍ଗସାଥିଙ୍କ ସହିତ ବାଜି ଲଗେଇ ସିଧୁ ବାହାରିଲା ହାତୀ ପାଖକୁ। ସିଧୁର ବାପାବୋଉ ହାତୀ ପାଖକୁ ନ ଯିବା ପାଇଁ ବାରଣ କଲେ, ହେଲେ ସିଧୁ କାହା କଥା ଶୁଣିଲା ନାହିଁ।



ଦିନ କେଇଟା ଭିତରେ ହାତୀ ସହିତ ସିଧୁର ଭଲ ବନ୍ଧୁତା ଗଢି ଉଠିଲା। ହାତୀ ଉପରୁ ଜଣା ନ ପଡୁଥିଲେ ବି ପ୍ରକୃତରେ ଟିକେ ପାଗଳ ଥିଲା। ସିଧୁକୁ କିନ୍ତୁ ଅସଲ କଥା ମାଲୁମ୍ ନ ଥିଲା। ସିଧୁର ହାତୀ ସହିତ ବନ୍ଧୁତା ଦେଖି ଠେକୁଆ ଦଳ ଭିତରେ ଭାଳେଣି ପଡ଼ିଲା। ହାତୀଟା କାଳେ କାହାର କଣ କ୍ଷତି କରିଦେବ ସେଥିପାଇଁ ଠେକୁଆ ଦଳର ମୁଖିଆ ସିଧୁକୁ ଡାକି ବୁଝାଇଲେ। ତୋର ତ ସେ ଦନ୍ତା ହାତୀ ସହିତ ଭଲ ପଡୁଚି, କେମିତି କଣ କରି ସେ ଦନ୍ତା ହାତୀକୁ ଏ ସ୍ଥାନଠାରୁ ଦୁରେଇ ନେଇଗଲେ ଆମ ସମସ୍ତଙ୍କର ମଙ୍ଗଳ ହୁଅନ୍ତା। ସିଧୁ କହିଲା ମୋ ସାଙ୍ଗ ହାତୀ ଭାରୀ ସାହସୀ ଆଉ ବଳଶାଳୀ ତାର ଯୋଉଠି ମନ ହେବ ସେ ସେଇଠି ରହିବ। ସେ କାହାରି କଥା ଶୁଣିବ ନାହିଁ। ସିଧୁ ବାହାଦୂରୀ ମାରି କହିଲା ହଉ ତମେ କହୁଚ ଯଦି ମୁଁ ଚେଷ୍ଟା କରିବି। ଏଇ ସମୟରେ ସିଧୁର ବାପାମାଆ ପହଞ୍ଚି ଯାଇ ତାକୁ ବୁଝାଇଲେ। ବାବୁରେ ଆମେ ଶୁଣିଚୁ ସେ ଦନ୍ତାଟା କୁଆଡେ ପାଗଳା। ଆମ କଥା ମାନ ତୁ ତା ପାଖରୁ ଦୁରେଇ ଯା। ଏ କଥାରେ ସିଧୁ ହସିଲା। କହିଲା ସିଧୁର କିଛି ହେବନି, ସେ ଭାରି ଚାଲାକ୍।

ଦିନେ ସିଧୁ ଆଉ ଦନ୍ତା ହାତୀ ପାଖ ଜଙ୍ଗଲରେ ବୁଲୁଥିଲେ। ଭୋକ ଲାଗିବାରୁ ଅଚାନକ ଦନ୍ତା ମୁଣ୍ଡକୁ ପିତ ଚଢ଼ିଗଲା। ରାଗ ତମତମ ହୋଇ ଆଖପାଖ ଗଛଡାଳ ପତ୍ର ନଷ୍ଟ କଲା। ସିଧୁ ବହୁତ କାକୁତି ମିନତି ହୋଇ ହାତୀକୁ କହିଲା। ହେଲେ ପାଗଳ ହାତୀ ଗର୍ଜନ କରି ସେ ତା ରାସ୍ତାରେ ଆଗକୁ ବଢ଼ିଲା। ସିଧୁ ଆଉ କୁଆଡେ ଯାଏ। ଦନ୍ତା ତା ଶୁଣ୍ଢରେ ସିଧୁକୁ କଚାଡ଼ି ଦେଇ ଗୋଟେ ଗାତ ଭିତରକୁ ଫିଙ୍ଗିଦେଲା। ଭୋକ ଉପାସରେ ସିଧୁ ବିଚରା ସେ ଗାତ ଭିତରେ ଦିନେ ଦୁଇଦିନ ପଡ଼ି ରହିଲା। ଠେକୁଆ ଦଳର ମୁଖିଆ ସିଧୁ ଗାତରେ ପଡ଼ିଥିବା ଖବର ପାଇଲେ। ମୁଖିଆ ସଙ୍ଗେ ସଙ୍ଗେ ସିଧୁ ବାପାମାଆଙ୍କୁ ଡକେଇଲେ ଓ ଗାତ ଭିତରୁ ସିଧୁକୁ ରକ୍ଷା କଲେ। ଏବେ ସିଧୁ ନିଜ ଭୁଲ୍ ବୁଝି ପାରିଥାଏ। ଲୁହ ଛଳଛଳ ଆଖିରେ ସମସ୍ତଙ୍କୁ କ୍ଷମାପ୍ରାର୍ଥନା କରି କହିଲା ବଡଲୋକ ଓ ଗୁରୁଜନଙ୍କର ସବୁ କଥା ମାନିବା ଉଚିତ୍। ସିଧୁର ମନ ପରିବର୍ତ୍ତନ ହୋଇଥିବାରୁ ଠେକୁଆ ଦଳ ଭିତରେ ଆନନ୍ଦର ଲହରୀ ଖେଳିଗଲା।

**– ଦେବେନ୍ଦ୍ର କର**
ମଙ୍ଗଳାବାଗ, କଟକ
ମୋ: ୯୯୩୭୯୬୩୯୧୦

## ରଙ୍ଗ ଦିଅ



## ତୁମ ପଢ଼ିବା ପାଇଁ ତେଲିଙ୍ଗିବାଜା




ପିଲାମାନେ, ତୁମମାନେ ପଢିବା ପାଇଁ ବିଭିନ୍ନ ପ୍ରକାର ଗପ, କବିତା ସମ୍ବଳିତ ପ୍ରକାଶ ପାଇଛି ଶିଶୁ କିଶୋର ପତ୍ରିକା ‘ତେଲିଙ୍ଗିବାଜା’। ପ୍ରଫୁଲ୍ଲ ଚନ୍ଦ୍ର ବାରିକଙ୍କ ଦ୍ୱାରା ସମ୍ପାଦିତ ଏହି ପତ୍ରିକାରେ ତୁମମାନେ ବହୁ ଜିନିଷ ବିଷୟରେ ଜାଣିବାକୁ ପାଇବ। ଏଥିରେ ରହିଛି ମଜାଳିଆ ବାଘମାମୁ, ବିଲୁଆନନା, ଚୁଉକିମୂଷା ଇତ୍ୟାଦି ଗପ, ତେଲିଙ୍ଗିବାଜା, ଶାମୁକା ଇତ୍ୟାଦି ପ୍ରବନ୍ଧ, ସରଗଶଶୀ, ପରଶମଣି ଇତ୍ୟାଦି ବିଜ୍ଞାନ କଥା, ନନ୍ଦନକାନନ ବିଷୟରେ, ଝୁମୁକା, ଫେରିବାଲା, ବେଙ୍ଗୁଲୀ ନାନୀ ଇତ୍ୟାଦି ଶିଶୁ ଗୀତ। ଏହାର ମୂଲ୍ୟ ରହିଛି ୩୦ଟଙ୍କା।

**ଯୋଗାଯୋଗ:**ତେଲିଙ୍ଗିବାଜା,
ଜିଭିଏ ମାର୍କେଟ କମ୍ପ୍ଲେକ୍ସ, ବେଦବ୍ୟାସ, ରାଉରକେଲା–୪, ସୁନ୍ଦରଗଡ

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ମତାମତ

▶▶ ଦିନବେଳା ଶୋଇବା ଶରୀର ପାଇଁ କ୍ଷତିକାରକ ବିଷୟଟି ପଢି ଅନେକ କଥା ଜାଣିବାକୁ ପାଇଲି।

**–ରାଧିକା ରାୟ,** ରାଜକନିକା, କେନ୍ଦ୍ରାପଡା

▶▶ ପ୍ରଚ୍ଛଦ ପ୍ରସଙ୍ଗରେ ପ୍ରକାଶିତ ‘ସୂର୍ଯ୍ୟଦେହରେ କଳାଚିହ୍ନ ଦେଖାଯାଏ କାହିଁକି’ ପଢି ଆଶ୍ଚର୍ଯ୍ୟ ଲାଗିଲା। ପିଲାଙ୍କ ପାଇଁ ବିଷୟଟି ଶିକ୍ଷଣୀୟ ହୋଇପାରିଛି।

**–ରିଙ୍କା ଦେ,** ଲିଙ୍କ୍ ରୋଡ, କଟକ

▶▶ ଏଥର ତୁମ ତୂଳୀରେ ପ୍ରକାଶ ପାଇଥିବା ପ୍ରତ୍ୟେକ ଚିତ୍ର ସୁନ୍ଦର ହୋଇଛି।

**–ଅନସୂୟା ରାଉତ,** ଶାନ୍ତିନଗର, ଗୁଣୁପୁର

▶▶ କହିଲ ଦେଖି ପିଲାଙ୍କ ପାଇଁ ବେଶ୍ ଆନନ୍ଦଦାୟକ ହୋଇପାରୁଛି।

**–ଦେବାଶିଷ କର,** ଆଙ୍କପଦା, ଭଦ୍ରକ

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ଲାଲ୍ ଗ୍ରହ ମଙ୍ଗଳ


ତୁମେମାନେ କେବେ ରାତିର ସଫା ଆକାଶରେ ତାରାଙ୍କ ମଧ୍ୟରେ ଏକ ଲାଲ୍ ତାରା ଦେଖିଛ କି? ସେହି ଲାଲ୍ ତାରାଟିର ନାଁ ହେଉଛି ମଙ୍ଗଳ ଗ୍ରହ। ପ୍ରାଚୀନ କାଳରେ ‘ରୋମାନ ଗଡ୍ ଅଫ୍ ୱାର’ ସମୟରେ ଏହାର ନାମକରଣ ହୋଇଥିଲା। ଏଠାରେ ଥିବା ପଥରଗୁଡ଼ିକ ଲୁହା ଭଳି ଦେଖାଯାଉଥିବା ଥିବାରୁ, ଏହାକୁ ଲାଲ୍ ଗ୍ରହ ବୋଲି କୁହାଯାଏ। ସୌର ମଣ୍ଡଳର ଏହା ହେଉଛି ଚତୁର୍ଥ ଏବଂ ଦ୍ୱିତୀୟ କ୍ଷୁଦ୍ରତମ ଗ୍ରହ। ଏହି ଗ୍ରହ ଦେଖିବାକୁ ପୃଥିବୀ ଭଳି। ଏଠାରେ ରକି ଟ୍ରଷ୍ଟ, କାନୟନ୍, ଭୋଲକାନ୍, ପୋଲାର ଆଇସି ରହିଥିବା ବେଳେ ଋତୁ ପରିବର୍ତ୍ତନ ମଧ୍ୟ ହୋଇଥାଏ। ଏହାର ମାଧ୍ୟାକର୍ଷଣ ଶକ୍ତି ପୃଥିବୀଠାରୁ କମ୍। ଏହି ଗ୍ରହରେ ଜୀବଜନ୍ତୁ, ଗଛଲତା, ନଦୀଝରଣା କିଛି ବି ଦେଖାଯାଏ ନାହିଁ। ଏଠାରେ ଚାରିଆଡ଼େ କେବଳ ଥଣ୍ଡା ଅନୁଭୂତ ହୋଇଥାଏ। ତେଣୁ ପୃଥିବୀ ଭଳି ଏହି ଗ୍ରହରେ ଜୀବନ ଧାରଣ କ୍ଷମତା ସମ୍ଭବ ହୋଇ ନ ଥାଏ।



# ପିଲାଙ୍କ ପାଇଁ ଗାଡ଼ି !

**ଆଜିର ବ୍ୟସ୍ତବହୁଳ ଜୀବନରେ ଯାନବାହନ ଯେମିତି ଏକ ଅତ୍ୟାବଶ୍ୟକ ସାମଗ୍ରୀ ହୋଇପଡ଼ିଛି। ଛୋଟ ବଡ଼ ପ୍ରତିଟି କାର୍ଯ୍ୟ ଲାଗି ଘରୁ ବାହାରିବା ମାତ୍ରେ ପ୍ରଥମେ ଲୋଡ଼ା ହେଉଛି ଗାଡ଼ି। ତେବେ ଏହାର ବ୍ୟବହାରକୁ ନେଇ ରହିଥିବା ନିୟମାବଳୀ ଅନୁଯାୟୀ ଅଣ୍ଡର ଏଜ୍ ବା ୧୮ ବର୍ଷରୁ କମ୍ ବୟସ୍କଙ୍କ ପାଇଁ ଏହା ମନା। ତଥାପି ଏହି ବୟସର କେତେକେ ଗାଡ଼ି ଚଳାଉଥିବାର ଦେଖିବାକୁ ମିଳୁଛି; ଯାହା କି ବେଆଇନ୍ ଏବଂ ବିପଦପୂର୍ଣ୍ଣ ମଧ୍ୟ...**

ବର୍ତ୍ତମାନ ଗମନାଗମନ ପାଇଁ ଯାନବାହନର ବ୍ୟବହାର ସଭିଙ୍କ ଲାଗି ଜରୁରୀ ହୋଇପଡ଼ିଲାଣି। ଏମିତି କି ପିଲାମାନେ ମଧ୍ୟ ସାଇକେଲ୍ ଛାଡ଼ି ଗାଡ଼ି ଚଳାଇବାକୁ ପଛାଉ ନାହାନ୍ତି। ସ୍କୁଲ୍, କଲେଜ ଯାଉଥିବା ଅଧିକାଂଶ ପିଲାଙ୍କ ପାଇଁ ସ୍କୁଟର କିମ୍ବା ବାଇକ୍ ନେଇ ଯା'ଆସ କରିବା ଏକ ସଉକ ପାଲଟିଛି। ଏହାବ୍ୟତୀତ କୋଚିଂ ସେଣ୍ଟର କିମ୍ବା ଅନ୍ୟାନ୍ୟ କରିକୁଲାର ଆକ୍ଟିଭିଟିଜ୍ କ୍ଲାସ୍ ଯିବା ପାଇଁ ମଧ୍ୟ ସେମାନେ ଏହା ଉପରେ ନିର୍ଭର କରୁଥିବା ଦେଖିବାକୁ ମିଳୁଛି। ଅଭିଭାବକମାନେ ମଧ୍ୟ କାର୍ଯ୍ୟବ୍ୟସ୍ତତା ଯୋଗୁ ପିଲାଙ୍କୁ ନେବା ଆଣିବା କରିପାରୁ ନ ଥିବାରୁ ବାଇକ୍ ଯୋଗାଇ ଦେଉଛନ୍ତି। ତେବେ ଆଇନ୍ ଅନୁସାରେ ୧୮ ବର୍ଷରୁ କମ୍ ବୟସର ପିଲା ଗାଡ଼ି ଚଳାଇବା ଏକ ଦଣ୍ଡନୀୟ ଅପରାଧ ବୋଲି ଜାଣିଥିଲେ ହେଁ ଅନେକେ ଏଦିଗରେ ସଚେତନ ହେଉନାହାନ୍ତି। ଏହି ବୟସରେ ଅନେକେ ଭଲ ଭାବରେ ଗାଡ଼ି ଚଳାଇବା ଶିଖି ନ ଥିବା ବେଳେ ଆଉ କେତେଜଣ ବିନା ହେଲମେଟ୍‌ରେ ଗାଡ଼ି ଚଳାଇବା, ପୁଣି ସ୍ପିଡ୍‌ରେ ଚଳାଇବା, ସାଙ୍ଗସାଥୀଙ୍କ ଆଗରେ ଷ୍ଟଣ୍ଟ ଦେଖାଇବା କିମ୍ବା ପିଲାଳିଆମି କରି ବାଇକ୍‌ରେ ୨ରୁ ଅଧିକ ଅର୍ଥାତ୍ ଟ୍ରିପଲ୍ ରାଇଡିଂ କରିବା ଭଳି ଦୁଃସାହସିକ କାର୍ଯ୍ୟ କରିବାକୁ ପଛାନ୍ତି ନାହିଁ ; ଯାହାଦ୍ୱାରା ଅନେକେ ବିଭିନ୍ନ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ମଧ୍ୟ ଦେଖିବାକୁ ମିଳୁଛି। ତା' ଛଡା ୧୮ ବର୍ଷରୁ କମ୍ ବୟସ ହୋଇଥିବାରୁ ସେମାନଙ୍କ ପାଖରେ ଡ୍ରାଇଭିଂ ଲାଇସେନ୍ସ(ଡିଏଲ୍) ମଧ୍ୟ ନ ଥାଏ, ଯାହା କି ଆମ ଆଇନ୍ ଅନୁସାରେ ଅପରାଧ। ଲର୍ନର ଲାଇସେନ୍ସ(ଏଲ୍ଏଲ୍) ଅନୁଯାୟୀ ୧୬ରୁ ୧୮ ବର୍ଷ ପିଲାଙ୍କୁ ୫୦ସିସି ଗିଅରଲେସ୍ ଗାଡ଼ି ଚଳାଇବା ପାଇଁ ଅନୁମତି ଥିଲେ ହେଁ ସେମାନେ ନିୟମର ଖିଲାପ କରୁଛନ୍ତି। ଏହି ଅପରାଧରେ ଆଇନ୍ ଅନୁଯାୟୀ ୧୯୯(ଏ)(୨)ଧାରା ଅନୁସାରେ ଅଭିଭାବକଙ୍କୁ ୨୫ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା କିମ୍ବା ୩ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିଥାଏ। ତେବେ ପିଲାମାନେ ଗାଡ଼ି ନେଇ ସ୍କୁଲ କଲେଜ ଯିବା କେତେଦୂର ଗ୍ରହଣୀୟ ଏ ସମ୍ପର୍କରେ ଯାହା କୁହନ୍ତି ଏମାନେ...



## ସବୁବେଳେ ସାଇକେଲ୍ ବ୍ୟବହାର କରେ

ସ୍କୁଲ, ଟ୍ୟୁଶନ୍ ଓ ଡ୍ୟାନ୍ସ କ୍ଲାସ୍ ଯିବାବେଳେ ସାଇକେଲ ବ୍ୟବହାର କରେ। ଟାଇମ୍ ରଖି ଘରୁ ବାହାରେ ଓ ଠିକ୍ ସମୟରେ କ୍ଲାସ୍‌ରେ ପହଞ୍ଚିଥାଏ। ସାଇକେଲ୍ ନ ଥିଲେ ଲୋକାଲ୍ ବସରେ ମଧ୍ୟ ଯାତାୟାତ କରେ। ରାସ୍ତାଘାଟରେ ଯେଉଁଭଳି ଦୁର୍ଘଟଣା ସଂଖ୍ୟା ବଢ଼ୁଛି ଏମିତିରେ ଗାଡ଼ି ଚଳାଇବାକୁ ମଧ୍ୟ ଡର ଲାଗୁଛି। ତା'ଛଡା ସରକାରଙ୍କ ଗାଇଡ୍‌ଲାଇନ୍ ଅନୁସାରେ ୧୮ ବର୍ଷରୁ କମ୍ ଗାଡ଼ି ଚଳାଇବା ମନା, ତେଣୁ ସୁରକ୍ଷା ଦୃଷ୍ଟିରୁ ଆମ ପାଇଁ ବାଇକ୍ ବ୍ୟବହାର କରିବା ଅନୁଚିତ।



–**ରାକେଶ ମହାନ୍ତି**, କ୍ଲାସ୍–୯, ଏସ୍ଏମ୍ ସରକାରୀ ଉଚ୍ଚ ବିଦ୍ୟାଳୟ,ବଲ୍‌ହାରପୁର, ବାଲେଶ୍ୱର

## ପିଲାଙ୍କୁ ଆକଟ କରିବା ଦରକାର

ପିଲାମାନେ ଗାଡ଼ି ନେଇ ବାହାରକୁ ଗଲେ ପ୍ରତିଟି ଅଭିଭାବକଙ୍କ ମନରେ ଭୟ ରହିବା ସ୍ୱାଭାବିକ। ପ୍ରତିଦିନ ଖବରକାଗଜରେ ରାସ୍ତାରେ ଦୁର୍ଘଟଣା ଖବର ପଢି ଡର ଲାଗୁଛି। ତେଣୁ ବେଶି ଜରୁରୀ ଥିଲେ ମୁଁ ପିଲାଙ୍କୁ ଗାଡ଼ି ନ ଦେଇ ନିଜେ ନେବା ଆଣିବା କରେ। ଆଜିକାଲି ପିଲାମାନେ ସାଙ୍ଗସାଥୀରେ ପଡ଼ି ସ୍କୁଲ୍, କଲେଜକୁ ଗାଡ଼ି ନେବା ପାଇଁ ଘରେ ଜିଦ୍ ଧରୁଛନ୍ତି। ଆଉ ଅଭିଭାବକମାନେ ବି ସେମାନଙ୍କୁ ସହଜରେ ଗାଡ଼ି ଯୋଗାଇ ଦେଉଛନ୍ତି। ଏଥିପାଇଁ ସେମାନେ ଆକଟ କଲେ ପିଲା ସୁରକ୍ଷିତ ରହିପାରିବେ।



–**ଜୀବନକୃଷ୍ଣ ମହାନ୍ତି**, ଅଭିଭାବକ, ଭୋଗରାଇ, ବାଲେଶ୍ୱର

## ଟ୍ରାଫିକ୍ ନିୟମ ମାନୁଛି

ପୂର୍ବରୁ ସାଇକେଲ୍‌ରେ ସ୍କୁଲ ହେଉ କି କୋଚିଂ କ୍ଲାସ୍ ଯାଉଥିଲି। ହେଲେ ଘରଠାରୁ ଦୂର ଅଧିକ ହେଉଥିବାରୁ ବେଳେ ବେଳେ ଠିକ୍ ସମୟରେ ପହଞ୍ଚିପାରୁ ନ ଥିଲି। ତେଣୁ ବାପାଙ୍କୁ ଏକ ଗାଡ଼ି ଆଣି ଦେବାପାଇଁ ଅନୁରୋଧ କଲି। ବୟସ କମ୍ ହୋଇଥିବାରୁ ଲାଇସେନ୍ସ ବିନା ଗାଡ଼ି ଚଳାଇହେବ ନାହିଁ ବୋଲି ବାପା କହିଲେ। ଏହା ପରେ ଆମେ ଏକ ଲର୍ନର ଲାଇସେନ୍ସ କରି ଗିଅରଲେସ୍ ଗାଡ଼ି ଆଣିଲୁ। ଏହାକୁ ଚଳାଇବାବେଳେ ହେଲମେଟ୍ ବ୍ୟବହାର କରୁଛି ଏବଂ ଟ୍ରାଫିକ୍ ନିୟମ ମାନୁଛି। ବାପାଙ୍କ କଥା ମାନି କେବେ ସ୍ପିଡ୍‌ରେ ଗାଡ଼ି ଚଳାଉ ନାହିଁ କିମ୍ବା ପଛରେ ଜଣଙ୍କରୁ ଅଧିକ ପିଲାଙ୍କୁ ଆଦୌ ବସାଉ ନାହିଁ।



–**ପୃଥ୍ୱୀରାଜ ସେଠୀ**, କ୍ଲାସ୍–୧୦, ନିର୍ମଳ କନ୍‌ଭେଣ୍ଟ ସ୍କୁଲ୍, କେନ୍ଦୁଝର



## ପିଲାଙ୍କ ପାଇଁ ଲାଗୁ ହୋଇଛି କଡ଼ା ନିୟମ

ସ୍କୁଲକୁ ପିଲାମାନେ ଗାଡ଼ି ନ ଆଣିବାପାଇଁ କର୍ତ୍ତୃପକ୍ଷଙ୍କୁ ସୂଚନା ଦିଆଯାଇଛି। ଏବେ ଟ୍ରାଫିକ୍‌ରେ ଫିଜିକାଲ୍ ଚେକିଂ ବେଶି କରାଯାଉନାହିଁ। କିନ୍ତୁ ଯେଉଁମାନେ ହେଲ୍‌ମେଟ୍ ପିନ୍ଧୁନାହାନ୍ତି ଏବଂ ଜେବ୍ରା କ୍ରସିଂ ମାନୁନାହାନ୍ତି ସେମାନଙ୍କୁ ଗୁରୁତ୍ୱ ଦେଉଛୁ। ଆଉ ସିସିଟିଭିରେ ଚେକିଂ କରି କାର୍ଯ୍ୟାନୁଷ୍ଠାନ ନେଉଛୁ। ୟୁନିଫର୍ମ ପିନ୍ଧିଥିବା ପିଲାଙ୍କ ମଧ୍ୟରୁ କାହା ଉପରେ ସନ୍ଦେହ ହେଲେ ଡିଏଲ ଚେକ୍ କରୁଛୁ। ୧୬ରୁ ୧୮ ବର୍ଷ ପିଲାଙ୍କୁ ୫୦ସିସି ଗିଅରଲେସ୍ ବ୍ୟାଟେରି ଗାଡ଼ି ଚଳାଇ ପାରିବେ। ତେବେ ନିୟମ କଡ଼ା ହେବାରୁ ଏବେ ସ୍କୁଲ୍ ପିଲା ଗାଡ଼ି ନେଇଯିବା ଢେର କମିଗଲାଣି। ଯିଏ ବି ନେଇ ଯାଉଛନ୍ତି ଲୁଚାଛପାରେ କିନ୍ତୁ ଟ୍ରାଫିକ୍ ସିଗ୍ନାଲରେ ସେମାନଙ୍କୁ ଦେଖିବାକୁ ମିଳୁନି। ଯଦି ୧୮ ବର୍ଷରୁ କମ୍ କୌଣସି ପିଲାକୁ ନିୟମ ଭାଙ୍ଗୁଥିବାର ଦେଖୁଛୁ ତେବେ ତାଙ୍କ ବାପାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉଛୁ। ତେବେ ସରକାରଙ୍କ ଏହି ନିୟମ ପ୍ରଣୟନ ହେବା ଦ୍ୱାରା ଉଭୟ ପିଲା ଓ ଅଭିଭାବକ ସତର୍କ ହୋଇଛନ୍ତି।




–**ଠାକୁର ପ୍ରସାଦ ପାତ୍ର**, ଟ୍ୱିନ୍ ସିଟି ଟ୍ରାଫିକ୍ ଡିସିପି




ଉପସ୍ଥାପନା–ସୁଚରିତା ପାତ୍ର



୧



୨




୩




୪




୫



୬




୭



୮



୯

୧



**ଆକୃତି ଦାସ**
କ୍ଲାସ୍- ୯, ହୋଲି ଫାମିଲି ଇଂଲିଶ ମିଡିୟମ୍ ସ୍କୁଲ, ଦେବୋତ୍ତର କଲୋନୀ, ନୟାଗଡ଼

୨

**ଓମ୍‌ପ୍ରକାଶ ବାରିକ**
କ୍ଲାସ୍- ୮, ବସନ୍ତପୁର ଇଂଲିଶ ମିଡିୟମ୍ ସ୍କୁଲ, ମୁର୍ଶିଦାବାଦ, କୋଲକାତା



୩



**ଶ୍ରୀନିକା ମିଶ୍ର**
କ୍ଲାସ୍-୭, କେନ୍ଦ୍ରୀୟ ବିଦ୍ୟାଳୟ, ନୟାଗଡ଼

୪



**ଦୀପଶିଖା ଦାସ**
କ୍ଲାସ୍- ୨, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର

୫

**ଅଙ୍କିତା ବେହେରା**
କ୍ଲାସ୍- ୮, ସଦାନନ୍ଦପୁର ହାଇସ୍କୁଲ, ବସ୍ତା, ବାଲେଶ୍ୱର



୬



**ଦିବ୍ୟଶ୍ରୀ ଦେବାର୍ଚ୍ଚନା**
କ୍ଲାସ୍- ୮, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର

୭



**ନିଖିଲେଶ ପରିଡ଼ା**
କ୍ଲାସ୍-୪, କେନ୍ଦ୍ରୀୟ ବିଦ୍ୟାଳୟ-୧, ଭୁବନେଶ୍ୱର

୮

**ପ୍ରତୀକ୍ଷା ମହାପାତ୍ର**
କ୍ଲାସ୍- ୫, କେନ୍ଦ୍ରୀୟ ବିଦ୍ୟାଳୟ, ଜଗତ୍‌ସିଂହପୁର



୯



**ଅନିଶା ସାହୁ**
କ୍ଲାସ୍- ୯, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଖମାର, ଅନୁଗୋଳ



## କବିତା

### ଆସିଲେ ରାତି

**ଆ**ସିଲେ ରାତି ଜଳଇ ବତି
ସବୁରି ଘରେ ଘରେ,
ଛୁଆଠୁ ବଡ଼ ସଭିଏଁ ଖୁସି
ମନେ ହରଷ ଭରେ।
ଆସିଲେ ରାତି ପକ୍ଷୀଙ୍କ ଗୀତି
ବାଜେନି ଆଉ କାନେ,
ଶୋଇପଡ଼ନ୍ତି ନିଘୋଡ଼ ନିଦେ
ଗହଳ ଲତା ବନେ।
ଆସିଲେ ରାତି କହଇ ନାତି
ଆଈ କୋଳରେ ବସି,
ତୋ ଗପ ପେଡ଼ି ଭାରି ବଢ଼ିଆ
ଖୋଲି ଦିଏ ତୁ ହସି।
ନ ଥିଲେ ରାତି ପଡ଼େନି ଜଣା
ଦିନର ଯେତେ ଶୋଭା,
ହେଉ ଅନ୍ଧାର ଅବା ଆଲୁଅ
ଆହା କି ମନଲୋଭା !

**–ଅଧ୍ୟାପକ ଶରତ କୁମାର ଦାସ**
ବଡ଼ବିଲ, କେନ୍ଦୁଝର
ମୋ: ୮୨୪୯୧୩୭୦୯୧

### ଶରତ ଆସିଛି ବୋଲି

**ଶ**ରତ ଆସିଛି ବୋଲି
ନିଆରା ନିଆରା ଲାଗୁଛି ମରତ
ମନ ଉଠେ ଫୁଲି ଫୁଲି।
ନଈ କୂଳେକୂଳେ କାଶତଣ୍ଡୀ ଖେଳେ
ପବନରେ ଝୁଲି ଝୁଲି।
ନୀଳ ନିରିମଳ ସଞ୍ଜୁଆ ଆକାଶେ
ଜହ୍ନ ହସେ ଖିଲି ଖିଲି।
ଧଳାର ଚାନ୍ଦୁଆ ଆକାଶ ଟାଣିଚି
ମେଘ ଗଲା ବାଟ ଭୁଲି।
କାକର ଟୋପାର କାନଫୁଲ ନାଇ
ଘାସ ଦିଶେ ଝିଲିମିଲି।
ଜହ୍ନକୁ ଦେଖିଣ କଇଁର ମୁହଁଟି
ଲାଜେ ଦିଶେ ନାଲି ନାଲି।
ଶରତ ଆସିଛି ବୋଲି
ପାରବଣ ବାଜା ବାଜିଲା ସବୁଠି
ଗାଆଁଠୁ ସହରି ବୁଲି।

**–ପ୍ରକାଶ କୁମାର ଚାନ୍ଦ**
ଜୟପୁର ଶାସନ, ପିପିଲି, ପୁରୀ
ମୋ: ୯୮୫୩୩୫୪୯୩୮



### ଆସିଛି ପୂଜା ବିଶ୍ୱକର୍ମାଙ୍କର

**ଆ**ସିଅଛି ପୂଜା ବିଶ୍ୱକର୍ମାଙ୍କର
ସୃଜନ ଶିଳ୍ପୀ ସେ ସାରା ବିଶ୍ୱର
ପରଂବ୍ରହ୍ମ ସେ ଜଗତ ଜୀବନ
ଚରଣେ ଭକ୍ତି କରୁ ଅରପଣ।
ସେ ଦେବଶିଳ୍ପୀ ଶିଳ୍ପୀ କୁଳର
ବିଶ୍ୱର କରତା ପରମେଶ୍ୱର
କରୁଣା ସିନ୍ଧୁ ବିଶ୍ୱର କାୟା
ଏହି ଧରାଧାମ ତାଙ୍କରି ମାୟା।
ପହିଲି ଶିଳ୍ପୀ ଭାବରେ ଯେ ଗଣା
ସୃଜନ ଶିଳ୍ପୀ ଜଗତେ ଜଣା
ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନି ବିଶ୍ୱ ପାଳକ
ନିରିମାତା ସିଏ ସୃଜନ ତାଙ୍କ
ସେ ମଉଡ଼ମଣି ଶିଳ୍ପୀ କୁଳର
ତାଙ୍କରି ପାଇଁ ଧରା ସୁନ୍ଦର
ହସୁଥାଉ ସଦା ତୁମରି ସୃଷ୍ଟି
ତୁମ କରୁଣାର କର ହେ ବୃଷ୍ଟି।

**–ଅଧ୍ୟାପକ ବିଷ୍ଣୁମୋହନ**
ଖଣ୍ଡଗିରି, ଭୁବନେଶ୍ୱର

### ପରିଶ୍ରମ କର


**ପି**ଲାମାନେ ଶୁଣ କଥା ମୋହର
ପଢ଼ିକି ଲେଖିବ ଖାତା ତୁମର।
ବେଶି ଖେଳିବନି ସାଙ୍ଗ ସାଥିରେ
ସମୟ ନ ଥିବ ଭାବିଲେ ପରେ।
ପରୀକ୍ଷା ଆସିବ ତୁମରି ପାଇଁ
ଆଜିର ସମୟ କାଲିକି ନାହିଁ।
କଥାଟିକୁ ଭାବି ମନରେ ରଖ
ପରୀକ୍ଷା ଆସିଲେ ନ ଥିବ ଦକ।
ପଢ଼ାରେ ରଖିବ ବେଶି ନଜର
ମୋବାଇଲ ଖେଳ କରିବ ଦୂର।
ସବୁ ଗେମ୍‌କୁ ଡିଲିଟ୍ କର
ପାଠ ଉପରେ ଦିଅ ନଜର।
ସିଏ ଦେବ ତୁମ ମନକୁ ବଳ
ପରିଶ୍ରମ କଲେ ପାଇବ ଫଳ।

**– ଜୟନ୍ତ କୁମାର ମଲ୍ଲିକ୍**
ମୋ:୯୪୩୭୮୬୫୭୨୭

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

### ବିଶ୍ୱର ବଡ଼ ଚଉଡ଼ା ପାଟି

**ପି**ଲାମାନେ ଜାଣି ଆଶ୍ଚର୍ଯ୍ୟ ହେବ ତୁମମାନଙ୍କ ପରି ଜଣେ ପାଟିର ଆକାର ବଡ଼ କରି ରେକର୍ଡ କରିଛନ୍ତି। ସେ ହେଉଛନ୍ତି ୧୬ ବର୍ଷୀୟ ଇସାକ୍ ଜନସନ୍। ଆମେରିକାରେ ରହୁଥିବା ଇସାକ୍ ତାଙ୍କ ପାଟିକୁ ୧୦.୧୭୫ ସେ.ମି. ପର୍ଯ୍ୟନ୍ତ ଖୋଲିପାରନ୍ତି। ସେ ବିଶ୍ୱରେ ଅତି ଚଉଡ଼ା ପାଟି ଖୋଲି ଗିନିଜ୍ ରେକର୍ଡ କରିଛନ୍ତି। ଏକାଥରକେ ୪ଟି ଚିଜ୍ ବର୍ଗର ସେ ନିଜ ପାଟିକୁ ନେଇପାରନ୍ତି। ଏହାସହ ସୋଡ଼ା ବୋତଲ, ବେସ୍‌ବଲ୍, ଗୋଟିଏ କମଳା ଓ ନିଜ ହାତମୁଠା ନିଜ ପାଟିରେ ଭର୍ତ୍ତି କରିପାରନ୍ତି। ଏସବୁ ଦେଖି ତାଙ୍କ ପ୍ରଶଂସକମାନେ ଆଶ୍ଚର୍ଯ୍ୟ ହୋଇଯାଆନ୍ତି ବୋଲି ଇସାକ୍ କହିଛନ୍ତି। ତେବେ ଭବିଷ୍ୟତରେ ସେ ଦନ୍ତ ଚିକିତ୍ସକ ହେବାକୁ ଲକ୍ଷ୍ୟ ରଖିଛନ୍ତି।




## ଏଥରର

- ରାଣୀ ଏଲିଜାବେଥ୍ ଦ୍ୱିତୀୟ କେତେ ବର୍ଷ ବ୍ରିଟେନ୍‌ର ଶାସନ ଭାର ସମ୍ଭାଳିଥିଲେ ?
- ସେ କେତେ ବର୍ଷ ବୟସରେ ରାଜପଦର ଉତ୍ତରାଧିକାରୀ ହୋଇଥିଲେ ?
- ଏଲିଜାବେଥ୍ ଦ୍ୱିତୀୟଙ୍କ ସିଂହାସନ ଆରୋହଣ ସମୟରେ ବ୍ରିଟିଶ ପ୍ରଧାନମନ୍ତ୍ରୀ କିଏ ଥିଲେ ?
- ମହାରାଣୀଙ୍କ ପରେ ଏବେ କିଏ ବ୍ରିଟେନ୍‌ର ରାଜା ହୋଇଛନ୍ତି ?
- ମହାରାଣୀ କେତେ ଥର ଭାରତ ଗସ୍ତରେ ଆସିଥିଲେ ?

## ଗତଥରର ଉତ୍ତର

- ଅଶୋକ
- ସିଦ୍ଧାର୍ଥ
- ଲକ୍ଷ୍ମୀବାଈ
- ବାହାଦୁର ଶାହ ଜାଫର
- ଚନ୍ଦ୍ରଗୁପ୍ତ ମୌର୍ଯ୍ୟ

## କହିଲ ଦେଖି



**ଉ**ଡ଼ି ବୁଲଇ ଏଣେତେଣେ
ପିଲା ପାଇଁ ଖୁଦ ଆଣେ
ବସା ତା'ର ଥାଏ ବଣେ
ଘର ତିଆରି ସିଏ ଜାଣେ
ନାମ ତାହାର କିଏ ଜାଣେ ?

**ଉତ୍ତର– ପକ୍ଷୀ**



**ବ**ଣରେ ବାସ କରୁ ଆମେ
ମାଂସ କିମ୍ବା ଘାସ ଖାଇ
ବନେ ବୁଲୁଥାଉ ଧାଇଁ ଧାଇଁ
ଖାଇବା ପାଇଁ ଘୂରି ବୁଲୁ ଆମେ
ଆମକୁ କିଏ ଚିହ୍ନିବ ଭାଇ ?

**ଉତ୍ତର– ବନ୍ୟପ୍ରାଣୀ**



**ବି**ବେକ ବୁଦ୍ଧି ସମ୍ପନ୍ନ ଜୀବ
ସମସ୍ତ ଜୀବ ସହ ଭାବ
ମହୀରେ ସେ ଶ୍ରେଷ୍ଠ ଜୀବ
ତାହା ବିନା କିଛି ଉନ୍ନତ ନ ହେବ
କିଏ ଜାଣିଛ ଭାବ ?

**ଉତ୍ତର– ମଣିଷ**

**–ରୋହିତ କୁମାର ମଲିକ**
ଅଣ୍ଡରାଇ, ବୋଡ଼କ, ଭଦ୍ରକ
ମୋ: ୭୮୯୪୦୯୫୩୩୬

ଜ ଣା ଅ ଜ ଣା



### ହେଟାବାଘ

ଏମାନେ ସାଧାରଣତଃ ମାଂସାହାରୀ ପ୍ରାଣୀ । ଗୋଟିଏ ଭୋକିଲା ହେଟା ତା' ଭୋକ ମେଣ୍ଟାଇବା ଲାଗି ଥରକରେ ପ୍ରାୟ ୨୦ପାଉଣ୍ଡ ଖାଦ୍ୟ ଗ୍ରହଣ କରେ । ଏମାନଙ୍କର ଶ୍ରବଣ ଶକ୍ତି ମଣିଷଙ୍କ ତୁଳନାରେ ପ୍ରାୟ ୨୦ଗୁଣା ଅଧିକ ।



### ଶୁଆ

ଶୁଆ ଏମିତି ଏକ ପକ୍ଷୀ, ଯିଏ ନିଜ ଗୋଡ଼ ସାହାଯ୍ୟରେ ଖାଦ୍ୟକୁ ଉଠାଇ ନିଜ ଥଣ୍ଟ ପାଖକୁ ନିଏ । ମଣିଷ ପରି ସେମାନେ ବି ନିଜ ଛୁଆର ନାମକରଣ କରିଥା'ନ୍ତି ।



### ଗଧ

ଅଣ୍ଡିରା ଗଧକୁ ଜ୍ୟାକ୍ ଓ ମାଈ ଗଧକୁ ଜେନିସ୍ ବା ଜେନେଟ୍ସ କୁହାଯାଏ । ଗଧମାନେ ଏକାଠି ରହିବାକୁ ପସନ୍ଦ କରନ୍ତି । ଦିନବେଳା ଖରା ସମୟରେ ଏମାନେ ବିଶ୍ରାମ ନିଅନ୍ତି । ଏମାନେ ସକାଳ ଏବଂ ସନ୍ଧ୍ୟାରେ ବହୁତ ସକ୍ରିୟ ରୁହନ୍ତି । କେଉଁଆଡ଼େ ଯିବାର ଥିଲେ ଦଳବଦ୍ଧ ହୋଇ ଏହି ସମୟରେ ହିଁ ଯାଆନ୍ତି ।



### ବିଲେଇର ଆୟୁଷ

ବାହାରେ ରହୁଥିବା ବିଲେଇଙ୍କ ତୁଳନାରେ ଘରେ ପାଲୁଥିବା ବିଲେଇଙ୍କ ଆୟୁଷ ଅଧିକ ହୋଇଥାଏ । ପାଣିକୁ ଦେଖିଲେ ଏମାନେ ଡରନ୍ତି । କାରଣ ଥରେ ଯଦି ଏମାନେ ଓଦା ହୋଇଯା'ନ୍ତି ତାଙ୍କ ଲୋମ ସହଜରେ ଶୁଖି ନ ଥାଏ । ତାଙ୍କର ଡାହାଣ ଏବଂ ବାମପଟ ନିଶରେ ୧୨ଟି ଲେଖାଏଁ ଚୁଟି ରହିଛି ।



### କଇଁଛର ଦାନ୍ତ ନ ଥାଏ

ବିଶ୍ୱରେ ୩୧୮ ପ୍ରଜାତିର କଇଁଛ ଦେଖାଯାଆନ୍ତି । କେତେକେ ଜଳରେ ରହୁଥିବା ବେଳେ କେତେକେ ସ୍ଥଳରେ ରହିବାକୁ ପସନ୍ଦ କରନ୍ତି । ଏମାନେ କାମୁଡ଼ିଲେ କୌଣସି ବିଷକ୍ରିୟା ହୁଏ ନାହିଁ । ଏମାନଙ୍କର ଦାନ୍ତ ନ ଥାଏ ।

# ଆ ଇ ନା



ଦିବ୍ୟାଂଶୀ ପଣ୍ଡା
୯ ବର୍ଷ / ଭୁବନେଶ୍ୱର

ଈପ୍‌ସିତା ବିଶ୍ୱାଳ
୩ ବର୍ଷ / ଭୁବନେଶ୍ୱର

